# Question Bank With Answers

# 1st Unit Test (2020-2021)

# Class – III , Sub:- Odia

## ଅନୁଶୀଳନୀ ୧

### A. ତଳେ ଲେଖା ହୋଇଥିବା ପ୍ରଶ୍ନର ଉତ୍ତର ଲେଖ ।

୧. ପିଲାଟିର ନାମ କଣ ଥିଲା ?

ଉତ୍ତର :- ପିଲାଟିର ନାମ କଲ୍ୟାଣୀ ଥିଲା ।

୨. ସେ ନିତ୍ୟ ସକାଳୁ କେଉଁ ବିଷୟ ଅଭ୍ୟାସ କରେ ?

ଉତ୍ତର :- ସେ ନିତ୍ୟ ସକାଳୁ ଗୀତ ଅଭ୍ୟାସ କରେ ।

୩ . ବାଦ୍ୟ କିଏ ବଜାଉ ଥିଲା ?

ଉତ୍ତର :- ବାଦ୍ୟ ସତ୍ୟବତୀ ବଜାଉ ଥିଲା ।

୪. ସତ୍ୟବତୀ ଓ କଲ୍ୟାଣୀକୁ କିଏ ଉପହାର ଦେଲେ ?

ଉତ୍ତର :- ସତ୍ୟବତୀ ଓ କଲ୍ୟାଣୀକୁ ସାହିତ୍ୟକ ଆଦିତ୍ୟ ବାବୁ ଉପହାର ଦେଲେ ?

### B. "ୟ୍ୟ" ଫଳା ଲଗାଇ ଶବ୍ଦ ଗୁଡିକ ଠିକ କରି ଲେଖ।

| | | | |
|---|---|---|---|
| ପଦ – ପଦ୍ୟ | ବାଦ – ବାଦ୍ୟ | ବାଲ – ବାଲ୍ୟ | ରମ – ରମ୍ୟ |
| ସତ – ସତ୍ୟ | ନିତ – ନିତ୍ୟ | ଗଦ – ଗଦ୍ୟ | ବନ – ବନ୍ୟ |
| ଖାଦ – ଖାଦ୍ୟ | ସଭ – ସଭ୍ୟ | | |

### C. ସଜାଡି ଲେଖ ।

| | | | |
|---|---|---|---|
| ୟସାବ୍ୟବ – ବ୍ୟବସାୟ | ଖ୍ୟସଂଅ – ଅସଂଖ୍ୟ | ତ୍ୟସାହି – ସାହିତ୍ୟ | ଜ୍ୟରା – ରାଜ୍ୟ |
| ମିତିଜ୍ୟା -ଜ୍ୟାମିତି | ଦ୍ୟାବି – ବିଦ୍ୟା | ଲସ୍ୟଆ – ଆଲସ୍ୟ | ଳକାଲ୍ୟବା – ବାଲ୍ୟକାଳ |
| ସ୍ୟହା – ହାସ୍ୟ | ଶ୍ୟକଆବ – ଆବଶ୍ୟକ | | |

## ଅନୁଶୀଳନୀ ୨

### A. ଉତ୍ତର ଲେଖ ।

୧. ପ୍ରିୟା କେଉଁ ଶ୍ରେଣୀରେ ପାଠ ପଢେ ?

ଉତ୍ତର :- ପ୍ରିୟା ପ୍ରଥମ ଶ୍ରେଣୀରେ ପାଠ ପଢେ ।

୨. "ପ୍ରଭାତ" ହୋଟେଲ ଆଗରେ କଣ ଥିଲା ?

ଉତ୍ତର :- ପ୍ରଭାତ ହୋଟେଲ ଆଗରେ ଫୁଲ ବଗିଚା ଥିଲା ।

୩ . ଫୁଲ ଉପରେ କିଏ ଉଡ଼ି ବୁଲୁ ଥିଲା ?

ଉତ୍ତର :- ଫୁଲ ଉପରେ ପ୍ରଜାପତି ଉଡି ବୁଲୁ ଥିଲା ।

### B. ର" ଫଳା ଲଗାଅ ।

| | | | |
|---|---|---|---|
| ଶମ – ଶ୍ରମ | କମ – କ୍ରମ | ଚିତ – ଚିତ୍ର | ଛତ – ଛତ୍ର |
| ହଦ – ହ୍ରଦ | ବଜ – ବ୍ରଜ | ତାମ – ତାମ୍ର | ଚକ – ଚକ୍ର |
| ସମୁଦ – ସମୁଦ୍ର | ବତ – ବ୍ରତ | ଭମଣ – ଭ୍ରମଣ | |

### C. ସଜାଡି ଲେଖ ।

| | | | |
|---|---|---|---|
| ଚାରପ୍ର – ପ୍ରଚାର | ମଶ୍ରରୀପ – ପରିଶ୍ରମ | ଦ୍ରମୁସ – ସମୁଦ୍ର | ସ୍ରହସ – ସହସ୍ର |
| ମିକକ୍ର – କ୍ରମିକ | ତିଗପ୍ର – ପ୍ରଗତି | ଦୀପପ୍ର – ପ୍ରଦୀପ | ଶ୍ରମଆ – ଆଶ୍ରମ |
| ତଭାପ୍ର – ପ୍ରଭାତ | ଶ୍ରାମବି – ବିଶ୍ରାମ | | |

## ଅନୁଶୀଳନୀ ୩

### A. "ଳ" ଫଳା ଲଗାଅ ।

| | | | |
|---|---|---|---|
| ଅମ – ଅମ୍ଳ | ଶୋକ – ଶ୍ଳୋକ | କୀବ – କ୍ଳୀବ | ବିପବ – ବିପ୍ଳବ |
| ମାନ – ମ୍ଳାନ | କେଶ – କ୍ଳେଶ | ଶୁକ – ଶୁକ୍ଳ | ପାବିତ – ପ୍ଳାବିତ |
| ଶୀଳ – ଶ୍ଳୀଳ | ଅଶୀଳ – ଅଶ୍ଳୀଳ | | |

### B. ସଜାଡି ଲେଖ ।

| | | | |
|---|---|---|---|
| କ୍ଳଶୁ – ଶୁକ୍ଳ | ଶକ୍ଳେ – କ୍ଳେଶ | ନମ୍ଳା – ମ୍ଳାନ | ତବିପ୍ଳା – ପ୍ଳାବିତ |

ମ୍ନଅନଜା – ଅମ୍ଳଜାନ ନିଗ୍ଲା – ଗ୍ଲାନି ଷଶ୍ଳେ – ଶ୍ଳେଷ ଷଣଶ୍ଳେବି – ବିଶ୍ଳେଷଣ

ଶ୍ଳୀଳଅ - ଅଶ୍ଳୀଳ ପ୍ଳବିବ – ବିପ୍ଳବ

## C. ଶୂନ୍ୟସ୍ଥାନ ପୂରଣ କର ।

(ଅମ୍ଳଜାନ , ଅକ୍ଲେଶ , ଅଶ୍ଳୀଳ ,ଅମ୍ଳ , ଶ୍ଳୋକ , ବିପ୍ଳବ , ଶୁକ୍ଳ , ଅମ୍ଳାନ )

୧. ଅଶ୍ଳୀଳ କଥା ସୁନା ନାହି । ଚୋରା ଟି ଅକ୍ଲେଶ ରେ ଖସି ଗଲା ।

୨. ଅମ୍ଳ ଶରୀରକୁ କ୍ଷତି କରେ ।

୩. ଚାଣକ୍ୟ ନୀତି ଶ୍ଳୋକ ଲେଖିଥିଲେ ।

୪. ନେତାଜି ଦେଶ ପାଇ ବିପ୍ଳବ କରିଥିଲେ ।

୫. ଆଇର ଶୁକ୍ଳ କେଶ ଭଲ ଦେଖା ଯାଏ ।

୬. ପାରିଜାତ ଫୁଲ ଅମ୍ଳାନ ରହେ ।

୭. ଅମ୍ଳଜାନ ଆମର ଜୀବନ ରକ୍ଷା କରେ ।

# ଅନୁଶୀଳନୀ ୪

## A. ଉତ୍ତର ଲେଖ ।

୧. ପଲ୍ଲବର ଭଉଣୀର ନାମ କଣ ?

ଉତ୍ତର :- ପଲ୍ଲବର ଭଉଣୀର ନାମ ପଲ୍ଲବୀ ଥିଲା ।

୨. ପ୍ରଫୁଲ୍ଲ ବାବୁ କେଉଁଠି ଚାକିରି କରୁଥିଲେ ?

ଉତ୍ତର :- ପ୍ରଫୁଲ୍ଲ ବାବୁ ନୂଆ ଦିଲ୍ଲୀରେ ଚାକିରୀ କରୁଥିଲେ ।

୩. ନୂଆ ଦିଲ୍ଲୀରେ ପଲ୍ଲବ କି କାମ କରୁଥିଲା ?

ଉତ୍ତର :- ନୂଆ ଦିଲ୍ଲୀରେ ପଲ୍ଲବ ଦିନରେ ଦୋକାନରେ କାମ କରେ ଓ ରାତିରେ ପାଠ ପଢେ ।

୪. ପଲ୍ଲବର ଗ୍ରାମର ନାମ କଣ ଥିଲା ?

ଉତ୍ତର :- ପଲ୍ଲବ ଗ୍ରାମର ନାମ ଉଲ୍ଲାସପୁର ଥିଲା ।

୫. ପଲ୍ଲବ ତାର ନୂଆ ଦୋକାନ କେଉଁଠି ଖୋଲିଲା ?

ଉତ୍ତର :- ପଲ୍ଲବ ତାର ନୂଆ ଦୋକାନ ନୂଆ ଦିଲ୍ଲୀରେ ଖୋଲିଲା ।

## B. "ଲ" ଫଳା ଲଗାଇ ଠିକ କରି ଲେଖ ।

ପେଟ୍ – ପ୍ଲେଟ୍ ସେଟ୍ – ସ୍ଲେଟ୍ ଦିଲୀ – ଦିଲ୍ଲୀ ମଲୀ – ମଲ୍ଲୀ

ପଲବ – ପଲ୍ଲବ ମଲ – ମଲ୍ଲ ଉଲାସ – ଉଲ୍ଲାସ ଆହାଦ – ଆହ୍ଲାଦ

ଜହାଦ – ଜହ୍ଲାଦ ଭଲୁକ – ଭଲ୍ଲୁକ

## C. ସଜାଡି ଲେଖ ।

ଲ୍ଲମରବୀ – ବୀରମଲ୍ଲ ଲ୍ଲୀପ – ପଲ୍ଲୀ ଲଫୁଲ୍ଲୀମ – ମଲ୍ଲୀଫୁଲ ଲ୍ଲୀଦି – ଦିଲ୍ଲୀ

ଟ୍ ସ୍ଲେ - ସ୍ଲେଟ୍ ଟ୍ ପ୍ଲେ - ପ୍ଲେଟ୍ ଫୁଲ୍ଲପ୍ର – ପ୍ରଫୁଲ୍ଲ ସିତଲ୍ଲଉ – ଉଲ୍ଲସିତ

ଲ୍ଲାସଉ – ଉଲ୍ଲାସ ତବିଲ୍ଲପ – ପଲ୍ଲବିତ

# ଅନୁଶୀଳନୀ ୫

## A."ନ" ଫଳା ଲଗାଇ ଠିକ କରି ଲେଖ ।

ଅନ – ଅନ୍ନ ଲଗ – ଲଗ୍ନ ଜହ – ଜହ୍ନ ପ୍ରସନ – ପ୍ରସନ୍ନ ପ୍ରଶ – ପ୍ରଶ୍ନ

ବିଘ – ବିଘ୍ନ ଜହି – ଜହ୍ନି ମଗ – ମଗ୍ନ ଅଗି – ଅଗ୍ନି

## B. ସଜାଡି ଲେଖ ।

ପ୍ନସ୍ୱ - ସ୍ୱପ୍ନ ଗ୍ନିଅ – ଅଗ୍ନି ନ୍ନସବଅ – ଅବସନ୍ନ ତିନ୍ନଉ – ଉନ୍ନତି ନ୍ନସପ୍ର – ପ୍ରସନ୍ନ

ଟକନ୍ନିସ – ସନ୍ନିକଟ ମ୍ନନି – ନିମ୍ନ ନସ୍ନା – ସ୍ନାନ ହ୍ନଜ – ଜହ୍ନ

## C. ପଦରେ "ନ" ଫଳା ଥିବା ଶବ୍ଦଗୁଡିକୁ ଲେଖ ।

ଜହ୍ନ , କାହ୍ନୁ , ସ୍ନେହ , ସ୍ନାନ

## D. "ନ" ଫଳା ଲଗାଇ ପାଞ୍ଚଟି ଶବ୍ଦ ।

ଜହ୍ନ , କାହ୍ନୁ , ସ୍ନେହ , ସ୍ନାନ , ସ୍ୱପ୍ନ

## E. ଶୂନ୍ୟସ୍ଥାନ ପୂରଣ କର ।

୧. କାହ୍ନୁ କେତେ ସ୍ନେହ କରିବ ତୋତେ

ସ୍ନାନ କରିବାକୁ ନେବ ସହିତେ ।

୨. କାହ୍ନୁ କପାଳରେ ଦେଇ ଯା ଟିପ

ତୁମ ରାଇଜର କହିଯା ଗପ ।

# QUESTION BANK FOR THE YEAR – 2020 – 2021

## [ CLASS – III ]

# ODIA

## ଅନୁଶୀଳନୀ – ୬

**୧. ‘ ୍ୱ ’ ଫଳା ଲଗାଇ ଠିକ୍ କରି ଲେଖ :-**

ଦୀପ - ଦ୍ୱୀପ, ସାଦ - ସ୍ୱାଦ, ପକ - ପକ୍ୱ, ଅଶ - ଅଶ୍ୱ, ଧନି - ଧ୍ୱନି

ଜର - ଜ୍ୱର, ଜାଳା - ଜ୍ୱାଳା, ସାଧୀନ - ସ୍ୱାଧୀନ, ବିଶ - ବିଶ୍ୱ, ଜିହା – ଜିହ୍ୱା

**୨. ସଜାଡ଼ି ଲେଖ :-**

ବଭାସ୍ୱ - ସ୍ୱଭାବ ଶ୍ୱରଈ - ଈଶ୍ୱର ରଜ୍ୱ – ଜ୍ୱର

ଜତ୍ୱରା - ରାଜତ୍ୱ ପଦ୍ୱୀ - ଦ୍ୱୀପ ରଦ୍ୱା - ଦ୍ୱାର

ଦସ୍ୱା - ସ୍ୱାଦ ନିଧ୍ୱ - ଧ୍ୱନି କ୍ୱପ - ପକ୍ୱ

ଧୀନସ୍ୱା - ସ୍ୱାଧୀନ

**୩. ‘ ୍ୱ ’ ଫଳା ଲଗାଇ ୫ଟି ଶବ୍ଦ ଲେଖ :-**

ପକ୍ୱ, ଦ୍ୱାର, ଅଶ୍ୱ, ଜ୍ୱର, ସ୍ୱାଦ

**୪. ଶୂନ୍ୟସ୍ଥାନ ପୂରଣ କର :-**

କ) ________ ଓ ________ ଦୁଇ ଭଉଣୀ ଥିଲେ । (ତପସ୍ୱନୀ, ମନସ୍ୱିନୀ)

ଖ) ସେଇ ଗାଁକୁ ଜଣେ________ ଆସିଥିଲେ । (ବାବାଜୀ)

ଗ) ________ ସ୍ୱରରେ କଥା ହେବ । (ମଧୁର)

ଘ) ମନସ୍ୱିନୀ ପାଟିରୁ ________ ପଡ଼ିଲା । (ପଥର)

ଙ) ତପସ୍ୱିନୀ ________ ରୁ ଫୁଲ ପଡ଼ିଲା । (ପାଟି)

## ଅନୁଶୀଳନୀ – ୭

**୧. ‘ ୍ମ ’ ଫଳା ଲଗାଇ ଠିକ୍ କରି ଲେଖ :-**

ପଦ - ପଦ୍ମ, ଗୁଳ - ଗୁଳ୍ମ, ଜନ – ଜନ୍ମ

ଯୁଗ - ଯୁଗ୍ମ, ବ୍ରାହଣ - ବ୍ରାହ୍ମଣ, ଲକ୍ଷଣ – ଲକ୍ଷ୍ମଣ

ବ୍ରହ - ବ୍ରହ୍ମ, ରଶି - ରଶ୍ମି, ଭସ – ଭସ୍ମ, ପଦାସନ - ପଦ୍ମାସନ

**୨. ସଜାଡ଼ି ଲେଖ :-**

ଶହ୍ମବ୍ରା - ବ୍ରାହ୍ମଣ　　ରଣସ୍ମ - ସ୍ମରଣ　　ଛଦ - ଛଦ୍ମ

କତ୍ମିଆ - ଆତ୍ମିକ　　ଲ୍ମଗୁ - ଗୁଲ୍ମ　　ପଦ - ପଦ୍ମ

ଶାଶ୍ମନ - ଶ୍ମଶାନ　　କିବାଲ୍ମୀ - ବାଲ୍ମୀକି　　ବିତସ୍ମ - ବିସ୍ମୃତ　　ଯୁଆନଷ୍ମା - ଆୟୁଷ୍ମାନ

**୩. ଉତ୍ତର ଲେଖ :-**

କ)　କାହାର ଜନ୍ମଦିନ ପାଳନ ହେଉଥିଲା ?

ଉତ୍ତର :-　ପଦ୍ମାବତୀର ଜନ୍ମଦିନ ପାଳନ ହେଉଥିଲା ।

ଖ)　ସନ୍ନ୍ୟାସୀଙ୍କୁ ମିଠେଇ ପୁଡ଼ାଏ କିଏ ଦେଲା ?

ଉତ୍ତର :-　ସନ୍ନ୍ୟାସୀଙ୍କୁ ମିଠେଇ ପୁଡ଼ାଏ ପଦ୍ମଲୋଚନ ଦେଲା ।

ଗ)　ସନ୍ନ୍ୟାସୀ ପଦ୍ମଲୋଚନକୁ କଣ ଦେଲେ ?

ଉତ୍ତର :-　ସନ୍ନ୍ୟାସୀ ପଦ୍ମଲୋଚନକୁ ଏକ ବିସ୍ମୟକର ମାଳ ଦେଲେ ।

ଘ)　କାହିଁକି ସନ୍ନ୍ୟାସୀଙ୍କୁ କେହି ଚିହ୍ନି ପାରିଲେ ନାହିଁ ?

ଉତ୍ତର :-　ଛଦ୍ମବେଶରେ ଆସଥିବାରୁ ସନ୍ନ୍ୟାସୀଙ୍କୁ କେହି ଚିହ୍ନି ପାରିଲେ ନାହିଁ ।

ଙ)　ମାଳର ଗୁଣ କଣ ଥିଲା ?

ଉତ୍ତର :-　ମାଳର ଗୁଣ ଥିଲା ଯେ, ତାକୁ ଗଳାରେ ରଖି ମିଛ କହିଲେ ତାହା ଅକସ୍ମାତ ଉଭେଇ ଯାଏ ।

**୪. '୍ମ' ଫଳା ଲଗାଇ ୫ଟି ଶବ୍ଦ ଲେଖ :-**

ପଦ୍ମ,　ଛଦ୍ମ,　ଗୁଲ୍ମ,　ଅକସ୍ମାତ,　ବିସ୍ମୟ

## ଅନୁଶୀଳନୀ – ୮

**୧. 'ର୍' ଲଗାଇ ଠିକ୍ କରି ଲେଖ :-**

ଗବ - ଗର୍ବ　　ଧମ - ଧର୍ମ　　ପୂବ - ପୂର୍ବ

ଦପ - ଦର୍ପ　　ସପ - ସର୍ପ　　ବଷା – ବର୍ଷା

ବଷ - ବର୍ଷ　　ଇଷା - ଇର୍ଷା　　ନିମାଣ - ନିର୍ମାଣ　　ଆତ - ଆର୍ତ

**୨. 'ର୍' ଲଗାଇ ୫ଟି ଶବ୍ଦ ଲେଖ :-**

ପୂର୍ବ,　ବର୍ଷ,　ଧର୍ମ,　ଗର୍ବ,　ସର୍ପ

**୩. ସଜାଡ଼ି ଲେଖ :-**

ର୍ପଣଦ - ଦର୍ପଣ　　ର୍ଜନଅ - ଅର୍ଜନ　　ର୍ପସ - ସର୍ପ

ର୍ବଳଦୁ - ଦୁର୍ବଳ　　ର୍ଧନନି - ନିର୍ଧନ　　ର୍ଷବ – ବର୍ଷ

ରର୍ପୁକ - କର୍ପୁର　　ଣନିର୍ମା - ନିର୍ମାଣ　　ଳର୍ଗଅ - ଅର୍ଗଳ　　ନର୍ଜପାଉ - ଉପାର୍ଜନ

**୪. ଉତ୍ତର ଲେଖ :-**

କ) କୋଣାର୍କର ଅନ୍ୟନାମ କଣ ?

ଉତ୍ତର :- କୋଣାର୍କର ଅନ୍ୟନାମ ଅର୍କକ୍ଷେତ୍ର ।

ଖ) ଏହା ଓଡ଼ିଶାର କେଉଁ ଦିଗରେ ଅଛି ?

ଉତ୍ତର :- ଏହା ଓଡ଼ିଶାର ପୂର୍ବ ଦିଗରେ ଅଛି ।

ଗ) ଏହାର ନିର୍ମାଣ କାର୍ଯ୍ୟ କେତେ ବର୍ଷ ଲାଗିଥିଲା ?

ଉତ୍ତର :- ଏହାର ନିର୍ମାଣ କାର୍ଯ୍ୟ ବାର ବର୍ଷ ଲାଗିଥିଲା ।

ଘ) ବିଶୁ ମହାରଣାର ପୁଅର ନାମ କଣ ଥିଲା ?

ଉତ୍ତର :- ବିଶୁ ମହାରଣାର ପୁଅର ନାମ ଧର୍ମପଦ ଥିଲା ।

**୫. ପାଠ - ସାହସ ଅଟେ ବଡ଼ ବଳ**

୧. ଲୋକମାନେ ଜାହାଜରେ କୁଆଡ଼େ ଯାଉଥିଲେ ?

ଉତ୍ତର :- ଲୋକମାନେ ବେପାର କରିବା ପାଇଁ ଜାହାଜରେ ଦୂର ଦେଶକୁ ଯାଉଥିଲେ ।

୨. ସମୁଦ୍ର ମଝିରେ କଣ ଥିଲା ?

ଉତ୍ତର :- ସମୁଦ୍ର ମଝିରେ ହଠାତ୍ ଝଡ଼ ମାଡ଼ି ଆସିଲା ।

୩. ଜାହାଜ କେଉଁଥିରେ ପିଟି ହୋଇଥିଲା ?

ଉତ୍ତର :- ଜାହାଜଟି ଏକ ବଡ଼ ବରଫ ପାହାଡ଼ରେ ପିଟି ହୋଇଥିଲା ।

୪. ପିଟି ହେବାରୁ ଜାହାଜର କଣ ହେଲା ?

ଉତ୍ତର :- ପିଟି ହେବାରୁ ଜାହାଜ ଧୀରେ ଧୀରେ ପାଣିରେ ବୁଡ଼ିବାକୁ ଲାଗିଲା ।

୫. ବିପଦରୁ କିପରି ରକ୍ଷା ମିଳି ପାରିବ ?

ଉତ୍ତର :- ଡରି ନ ଯାଇ ସାହସର ସହିତ ତାର ମୁକାବିଲା କଲେ ବିପଦରୁ ରକ୍ଷା ମଳିପାରିବ ।

୬. **ପାଠ - ରାମାୟଣ କଥା**

୧. ଦଶରଥଙ୍କର କେତୋଟି ପୁଅ ଥିଲେ ?

ଉତ୍ତର :- ଦଶରଥଙ୍କର ଚାରି ପୁଅ ଥିଲେ ।

୨. ସେ କେତେ ବର୍ଷ ବନବାସରେ ଯାଇଥିଲେ ?

ଉତ୍ତର :- ସେ ଚଉଦ ବର୍ଷ ବନବାସରେ ଯାଇଥିଲେ ।

୩. ରାବଣ କେଉଁଠାରେ ରାଜା ଥିଲେ ?

ଉତ୍ତର :- ରାବଣ ଲଙ୍କାଗଡ଼ର ରାଜା ଥିଲେ ।

୪. ମାଙ୍କଡ଼ମାନଙ୍କର ରାଜା କିଏ ଥିଲେ ?

ଉତ୍ତର :- ମାଙ୍କଡ଼ମାନଙ୍କର ରାଜା ସୁଗ୍ରୀବ ଥିଲେ ।

୫. ଲଙ୍କାଗଡ଼ର ଆଧୁନିକ ନାମ କଣ ?

ଉତ୍ତର :- ଲଙ୍କାଗଡ଼ର ଆଧୁନିକ ନାମ ଶ୍ରୀଲଙ୍କା ଅଟେ ।

୬. ସମୁଦ୍ର ଭିତରେ ଲଙ୍କାକୁ କିପରି ବାଟ ତିଆରି ହେଲା ?

ଉତ୍ତର :- ବଡ଼ ବଡ଼ ପଥର, ପାହାଡ଼, ଗଛ ଇତ୍ୟାଦି ପକାଇ ସମୁଦ୍ର ଭିତରେ ଲଙ୍କାକୁ ବାଟ ତିଆରି ହେଲା ।

**୭. ବାକ୍ୟ ଗଠନ କର :-**

୧. କୁଡ଼ିଆ - ବୁଢ଼ୀଟି କୁଡ଼ିଆ ଭିତରେ ରହୁଛି ।

୨. ଲଢ଼େଇ - ନିଜ ଭିତରେ ଲଢ଼େଇ କର ନାହିଁ ।

୩. ସାହାଯ୍ୟ - ମୁଁ ହରିକୁ ପାଠ ପଢ଼ାରେ ସାହାଯ୍ୟ କଲି ।

୪. ସମୁଦ୍ର - ସମୁଦ୍ରର ପାଣି ଲୁଣି ଲାଗେ ।

୫. ଆକ୍ରମଣ - ହାତୀ ଆକ୍ରମଣରେ ଗାଁ ଲୋକେ ହଇରାଣ ହେଲେ ।

୬. ଫେରାଇ - ଗୀତା ମୋର ବହି ଫେରାଇ ଦେଲା ।

୭. ସାଥିରେ - ଆମେ ବାପାଙ୍କ ସାଥିରେ ବଜାର ଗଲୁ ।

୮. ତିଆରି - ଆମର ନୂଆ ଘର ତିଆରି ହେଉଛି ।

**୮. ଶୂନ୍ୟସ୍ଥାନ ପୂରଣ କର :-**

କ) ________ ମାଙ୍କଡ଼ମାନଙ୍କର ମୁଖିଆ ଥିଲେ । (ହନୁମାନ)

ଖ) ରାବଣ ________ ରେ ଶାସନ କରୁଥିଲେ । (ଲଙ୍କାଗଡ଼)

ଗ) ରାମ________ ବନବାସ କରିଥିଲେ । (୧୪ ବର୍ଷ)

ଘ) ବନବାସ ସମୟରେ ସେ ସାଥିରେ________ ଓ ________ ଙ୍କୁ ନେଇଥିଲେ । (ସୀତା, ଲକ୍ଷ୍ମଣ)

ଙ) ସୀତାଙ୍କ ଚୋରି କଥା________ ନାମକ ଏକ ପକ୍ଷୀ ରାମଙ୍କୁ ଜଣାଲେ । (ଜଟାୟୁ)

# ଅନୁଶୀଳନୀ – ୯

**ପାଠ - ହରି ଶଙ୍ଖାରିର ସପନ ଦେଖା**

କ) ଶଙ୍ଖାରିଟିର ନାମ କଣ ଥିଲା ?

ଉତ୍ତର :- ଶଙ୍ଖାରିଟିର ନାମ ହରି ପ୍ରଧାନ ଥିଲା ।

ଖ) ଶଙ୍ଖା ନେଇ ସେ କୁଆଡ଼େ ଯାଇଥିଲେ ?

ଉତ୍ତର :- ଶଙ୍ଖା ନେଇ ସେ ହାଟକୁ ଯାଇଥିଲେ ।

ଗ) ଶଙ୍ଖାତକ ବିକି ପଇସା ପାଇଲେ ସେ କଣ ସବୁ କରିବେ ବୋଲି ଭାବୁଥିଲେ ?

ଉତ୍ତର :- ଶଙ୍ଖାତକ ବିକି ପଇସା ପାଇଲେ ସେ ବଡ଼ ଦୋକାନ, କୋଠାଘର କରି, ମଟରଗାଡ଼ି ଚଢ଼ି ବୁଲିବେ ବୋଲି ଭାବୁଥିଲେ ।

ଘ) ପଥରରେ ଗୋଡ଼ ବାଜିବାରୁ କଣ ହେଲା ?

ଉତ୍ତର :- ପଥରରେ ଗୋଡ଼ ବାଜିବାରୁ ମଥାରେ ଥିବା ଶଙ୍ଖା ବୋଝଟା ଛିଟିକି ଯାଇ ବାଟ କଡ଼ରେ ପଡ଼ିଲା । ସବୁତକ ଶଙ୍ଖା ଚୁନାଚୁନା ହୋଇଗଲା ଓ ସପନ ସବୁ ଅଧାରେ ରହିଗଲା ।

**୨. ଅର୍ଥ ଲେଖ :-**

୧) ମଟକା - ଯାହା ସହଜରେ ଭାଙ୍ଗି ଯାଏ

୨) ତୋରା - ସଫା

୩) ମନ ପିତା ହେବା - ମନ ଦୁଃଖ ହେବା

୪) ମନ ଲୋଭା - ଅତି ସୁନ୍ଦର

**୩. ବାକ୍ୟଗଠନ କର :-**

୧) ନୂଆନୂଆ - ମୋ ପାଖରେ ନୂଆନୂଆ ପେନ୍‌ସିଲ୍ ଅଛି ।

୨) ଚୁନାଚୁନା - କାଚଗିନାଟି ତଳେ ପଡ଼ି ଚୁନାଚୁନା ହୋଇଗଲା ।

୩) ଜଣାଶୁଣା - ରାଜାବାବୁ ଆମର ଜଣାଶୁଣା ଲୋକ ।

୪) ସପନ - କାଲି ରାତିରେ ମୁଁ ଗୋଟେ ଭଲ ସପନ ଦେଖିଲି ।

୫) କ୍ଷତି - ଅନ୍ୟର କ୍ଷତି କର ନାହିଁ ।

୬) ଭୋଳ - ରଘୁ ଭୋଳ ହୋଇ ଗୀତ ଶୁଣୁଥିଲା ।

**୪. ଶୂନ୍ୟସ୍ଥାନ ପୂରଣ କର :-**

କ) ନିଜ କାମ________ ଦେଇ କର । (ମନ)

ଖ) ଶଙ୍ଖା ବୋଝଟା________ ଯାଇ ବାଟ କଡ଼ରେ ପଡ଼ିଲା । (ଛିଟିକି)

ଗ) ଆମ ଘର________ ଦୋକାନଟିଏ ଅଛି । (ପାଖରେ)

ଘ) ସୀତାର ବାପା ଭଲ ଶଙ୍ଖା________ କରୁଥିଲେ । (ତିଆରି)

ଙ) ଫେଲ ହୋଇଯିବା ଶୁଣି ମିତାର________ ହୋଇଗଲା । (ମନ ପିତା)

**ପାଠ - ବେଙ୍ଗୁଲିର ବାହାଘର**

**୧. ଉତ୍ତର ଦିଅ :-**

୧) କାହାର ବାହାଘର ହେଉଥିଲା ?

ଉତ୍ତର :- ବେଙ୍ଗୁଲିର ବାହାଘର ହେଉଥିଲା ।

୨) କେତେ ଜଣ କୁଣିଆ ଖାଇଲେ ?

ଉତ୍ତର :- ଅଠର ଜଣ କୁଣିଆ ଖାଇଲେ ।

**୩) ଶୂନ୍ୟସ୍ଥାନ ପୂରଣ କର**

କ) ସାଙ୍ଗ ହୋଇ ଗଲେ ଚିଙ୍ଗୁଡ଼ି ପଲ
ବେଙ୍ଗୁଲି ସଙ୍ଗରେ ହୋଇଲେ ଗେଲ ।

ଖ) ଝଡ଼ି ପୋକ ଭଜା କଙ୍କି ତିଅଣ
ଖାଇଲେ କୁଣିଆ ଅଠର ଜଣ ।

**୪) ବାକ୍ୟଗଠନ କର :-**

୧) ରାହୁଲ ମୋର ଭଲ ସାଙ୍ଗ ଅଟେ ।

୨) ମୋତେ ଆଳୁ ଚଟଣି ଖାଇବାକୁ ବଢ଼ିଆ ଲାଗେ ।

୩) ମୂଷା ଗୋଟିଏ ଛୋଟିଆ ଜୀବ ।

୪) ଆମର ଆଜି ମାଛ ତିଅଣ ହୋଇଛି ।

୫) ଆମେ ସିଢ଼ି ଚଢ଼ି ଛାତକୁ ଗଲୁ ।

# ଅନୁଶୀଳନୀ – ୧୦

**୧. ଶୂନ୍ୟସ୍ଥାନ ପୂରଣ କର :-**

କ) ଅଞ୍ଚଳ ମଞ୍ଚ ପିଞ୍ଛ କାଞ୍ଚନ ଲାଞ୍ଛନା

ଚାଞ୍ଛିବା ବାଞ୍ଛା ମଞ୍ଜା ସଞ୍ଚୟ

ଖ) ତାଲା ଖେଲା ହୁଏ ________ ରେ । (କଞ୍ଚି)

ଚକ ଖୋଲା ହୁଏ________ ରେ । (ରେଞ୍ଚ)

ଇଟା ଗଢ଼ା ହୁଏ ________ ରେ । (ଛାଞ୍ଚ)

ନାଚ ହୁଏ ________ ରେ । (ରଙ୍ଗମଞ୍ଚ)

୩. **ଚିତ୍ର ଦେଖି ନାମ ଲେଖ :-**

କଞ୍ଚି


ରେଞ୍ଚ


କଇଞ୍ଚି


ଛୁଞ୍ଚି


**୩. ବାକ୍ୟଗଠନ କର :-**

୧) ସରପଞ୍ଚ – ରମେଶ ବାବୁ ଆମ ଗାଁର ସରପଞ୍ଚ ଥିଲେ ।

୨) ସଞ୍ଚୟ – ଆମେ ବର୍ଷା ପାଣି ସଞ୍ଚୟ କରିବା ଉଚିତ୍ ।

୩) ଲାଞ୍ଛନା – କାହାକୁ ଲାଞ୍ଛନା ଦିଅ ନାହିଁ ।

୪) ବାଞ୍ଛା – ଭଲ ମଣିଷ ହେବା ମୋର ବାଞ୍ଛା ଅଟେ ।

୫) ଅଞ୍ଚଳ – ଆମ ଅଞ୍ଚଳରେ ଦୁଇ ଦିନ ଧରି ବର୍ଷା ଲାଗି ରହିଥିଲା ।

୬) ଚଞ୍ଚଳ – ମୁଁ ଚଞ୍ଚଳ ଘରକୁ ଫେରିଲି ।

# ଅନୁଶୀଳନୀ – ୧୧

**୧. ଉତ୍ତର ଲେଖ : -**

୧. ଗାଁର ନାମ କଣ ଥିଲା ?

ଉତ୍ତର :- ଗାଁର ନାମ ବିଞ୍ଝାରପୁର ଥିଲା ।

୨. ବିଲୁଆଙ୍କ ନେତାଙ୍କ ନାମ କଣ ଥିଲା ।

ଉତ୍ତର :- ବିଲୁଆଙ୍କ ନେତାଙ୍କ ନାମ ଚଞ୍ଚକ ଥିଲା ।

୩. ସେମାନେ କେଉଁଠିକୁ ପାଣି ପିଇବାକୁ ଆସୁଥିଲେ ।

ଉତ୍ତର :- ସେମାନେ ଝରଣା କୂଳକୁ ପାଣି ପିଇବାକୁ ଆସୁଥିଲେ ।

୪. ଚଞ୍ଚକ ଝରଣା କୂଳରେ କଣ ଦେଖିଲା ?

ଉତ୍ତର :- ଚଞ୍ଚକ ଝରଣା କୂଳରେ ସିଂହର ପଞ୍ଝା ଦେଖିଲା ।

୫. ସିଂହର ପଞ୍ଝା ଦେଖି ସେ କଣ କଲା ?

ଉତ୍ତର :- ସିଂହର ପଞ୍ଝା ଦେଖି ସେ ବଡ଼ ରଡ଼ି କରି ବଣକୁ ଦୌଡ଼ିଲା ।

**୨. ବାକ୍ୟ ଗଠନ କର :-**

୧. ସଞ୍ଜ – ଆମେ <u>ସଞ୍ଜ</u> ବେଳେ ପ୍ରାର୍ଥନା କରୁ ।

୨. ପଞ୍ଝା – ବିଲେଇ ପଞ୍ଝା ମାରି କୁକୁରକୁ ଡରାଇଲା ।

୩. ଆଞ୍ଜୁଳା – ପିଲାଟି ତା' ଆଞ୍ଜୁଳାରେ ପାଣି ପିଉଛି ।

୪. ଇଞ୍ଜିନ – ଗାଡ଼ିକୁ ଇଞ୍ଜିନ ଟାଣେ ।

୫. ଛକାପଞ୍ଝା – ଚୋର ପୋଲିସ ଭିତରେ ଛକାପଞ୍ଝା ଚାଲିଥିଲା ।

୬. ପଞ୍ଝାଏ – ପଞ୍ଝାଏ ଛେଳି ପଡ଼ିଆରେ ଚରୁଥିଲେ ।

**୩. ଶୂନ୍ୟସ୍ଥାନ ପୂରଣ କର :-**

କ) ଆକାଶରେ ତାରା ——— କରୁଛି । (ମିଞ୍ଜି ମିଞ୍ଜି)

ଖ) ——— ଲୋକଟି ଗୀତ ବୋଲୁଛି । (ଖଞ୍ଜ)

ଗ) ଶୁଆ ——— ରେ ଅଛି । (ପଞ୍ଜୁରି)

ଘ) କୁକୁର ——— ବଙ୍କା ଅଟେ । (ଲାଞ୍ଜ)

ଙ) ——— ବିଲୁଆମାନଙ୍କ ନେତା ଥିଲା । (ଚଞ୍ଚକ)

ଚ) ——— ମାଙ୍କଡ଼ ଗଛରେ ବସିଥିଲେ । (ପଞ୍ଝାଏ)

**୪. 'ଞ୍ଜ' ଲଗାଇ ୫ ଟି ଶବ୍ଦ ଲେଖ ।**

ସଞ୍ଜ, ଇଞ୍ଜିନ, ମଞ୍ଜି, ଲାଞ୍ଜ, ଖଞ୍ଜ

# *QUESTION BANK (SECOND TERMINAL)*

## STD-III

## SUBJECT : ODIA

---

**ଅନୁଶୀଳନୀ - ୧୨**

**୧. ଆମେ କ'ଣ ଦେଖି ସମୟ ଜାଣୁ ?**

ଉ. ଆମେ ଘଣ୍ଟା ଦେଖି ସମୟ ଜାଣୁ।

**୨. ଶୁଆ ଥଣ୍ଟର ରଙ୍ଗ କିପରି ?**

ଉ. ଶୁଆ ଥଣ୍ଟର ରଙ୍ଗ ନାଲି ଅଟେ।

**୩. ଦ୍ୱିତୀୟା ଓଷାରେ କି ତରକାରି ହୁଏ ?**

ଉ. ଦ୍ୱିତୀୟା ଓଷାରେ ଘାଣ୍ଟ ତରକାରି ହୁଏ।

**୪. ପାରା କେମିତି ଧାନ ଖାଏ ?**

ଉ. ପାରା ତା' ଥଣ୍ଟରେ ଖୁଣ୍ଟିକି ଧାନ ଖାଏ।

**ଅନୁଶୀଳନୀ - ୧୩**

**୫. ହାତୀ କିପରି ଡାଳ ଭାଙ୍ଗେ ?**

ଉ. ହାତୀ ତା ଶୁଣ୍ଢରେ ଡାଳ ଭାଙ୍ଗେ।

**୬. କେଉଁଥିରେ ଜମିକୁ ପାଣି ମଡ଼ାଯାଏ ?**

ଉ. ଟେଣ୍ଡାରେ ଜମିକୁ ପାଣି ମଡ଼ାଯାଏ।

**୭. ଗବ ପତ୍ର କିଏ ଖାଏ ?**

ଉ. ଏଣ୍ଡିପୋକ ଗବ ପତ୍ର ଖାଏ।

**୮. କାହା ଲୋମରୁ ପଶମ ତିଆରି ହୁଏ ?**

ଉ. ମେଣ୍ଢା ଲୋମରୁ ପଶମ ତିଆରି ହୁଏ।

**ଅନୁଶୀଳନୀ - ୧୪**

**୯. ପିଲାଟି ପାଠ ପଢ଼ି ଯିବା ପାଇଁ କ'ଣ ମାଗୁଛି ?**

ଉ. ପିଲାଟି ପାଠ ପଢ଼ିଯିବା ପାଇଁ ତା'ର ଖଡ଼ି ମାଗୁଛି।



**୧୦. ଖଡ଼ି ରଖିବା ପାଇଁ ପିଲାଟିର କ'ଣ ନାହିଁ ?**

ଉ. ଖଡ଼ି ରଖିବା ପାଇଁ ପିଲାଟିର ମୁଣି ନାହିଁ ।

**୧୧. ସେ କ'ଣ ସାଇତି ରଖିବା ପାଇଁ କହିଛି ?**

ଉ. ସେ ତା'ର ଜିନିଷପାତି ସାଇତି ରଖିବା ପାଇଁ କହିଛି।

**୧୨. ସେ କାହାକୁ ଖୋଜିବା ପାଇଁ କହିଲା ?**

ଉ. ସେ ତା'ର ଦେଇ ଓ ଆଈକୁ ଖୋଜିବା ପାଇଁ କହିଲା।

**ଅନୁଶୀଳନୀ - ୧୫**

**୧୩. ପିଲାଟି କ'ଣ ସବୁ ସଫାସୁତୁରା କରି ରଖିବାକୁ ଚାହୁଁଛି ?**

ଉ. ପିଲାଟି ତା'ର ଶେଯକୁ ଓ ନିଜକୁ ସଫାସୁତରା କରି ରଖିବାକୁ ଚାହୁଁଛି ।

**୧୪. ସେ କ'ଣ ସାଇତି ରଖିବ ?**

ଉ. ସେ ତା'ର ଖାତା, କାଗଜ, କଲମକୁ ସାଇତି ରଖିବ।

**୧୫. ମା' ପ୍ରତି ପିଲାଟି କ'ଣ କରିବ ବୋଲି ଭାବୁଛି ?**

ଉ. ମା' ତାକୁ ଯାହା ଦେବେ ତାହା ସେ ଖୁସିରେ ଖାଇବ ଓ ମା' ପାଖରେ ଅନ୍ୟର ଭଲ ଗୁଣ ସବୁ ଗାଇବ।

**୧୬. ପିଲାଟି କେତେବେଳେ ଉଠିବ ବୋଲି କହୁଛି ?**

ଉ. ପିଲାଟି ଖରା ପଡ଼ିବା ଆଗରୁ ଉଠିବ ବୋଲି କହୁଛି।

**୧୭. ସେ ତା'ର ବାପାର ମହତ କିପରି ରଖିବ ?**

ଉ. ସେ ମନ ଲଗାଇ ପାଠ ପଢ଼ି ତା'ର ବାପାର ମହତ ରଖିବ।

**୧୮. କେଉଁମାନଙ୍କୁ ସେ ନିଜ ଲୋକ ବୋଲି ଭାବିବ ?**

ଉ. ଦୁଃଖୀ ଗରିବଙ୍କୁ ସେ ନିଜ ଲୋକ ବୋଲି ଭାବିବ।

**୧୯. ଦେଶ କିପରି ସରସ ହେବ ?**

ଉ. ଭଲ ପାଠ ପଢ଼ି ଭଲ ମଣିଷ ହେଲେ ଦେଶ ସରସ ହେବ।

**ଅନୁଶୀଳନୀ - ୧୬**

**୨୦. ଦୁଇ ବନ୍ଧୁଙ୍କର ନାମ କ'ଣ ଓ ସେମାନେ କ'ଣ ଦେଖିବାକୁ ଯାଉଥିଲେ ?**

ଉ. ଦୁଇ ବନ୍ଧୁଙ୍କର ନାମ ଦୀନବନ୍ଧୁ ଓ କୃପାସିନ୍ଧୁ। ସେମାନେ ହୀରାକୁଦ ବନ୍ଧ ଦେଖିବାକୁ ଯାଉଥିଲେ।

**୨୧. କେଉଁ କାଠ ଭାରି ବାସେ ଓ ପାରାଦ୍ୱୀପରେ କ'ଣ ଅଛି ?**

ଉ. ଚନ୍ଦନ କାଠ ଭାରି ବାସେ ଓ ପାରାଦ୍ୱୀପରେ ବନ୍ଦର ଅଛି ।

## ଅନୁଶୀଳନୀ - ୧୭

**୨୨. ବଇଁଶୀର ଘର ଓ ଜଗବନ୍ଧୁର ଘର କେଉଁ ଗାଁରେ ଥିଲା ?**

ଉ. ବଇଁଶୀର ଘର ବନ୍ଧୁପୁର ଗାଁରେ ଓ ଜଗବନ୍ଧୁର ଘର କନ୍ଧମାଳ ଗାଁରେ ଥିଲା ।

**୨୩. ଝିଅଟିର ନାମ କ'ଣ ଓ ତା'ର କେଉଁ ଗୋଡ଼ଟି ଛୋଟି ଥିଲା ?**

ଉ. ଝିଅଟିର ନାମ ସୁନ୍ଦରମଣି ଓ ତା'ର ଡାହାଣ ଗୋଡ଼ଟି ଛୋଟି ଥିଲା ।

**୨୪. ବାହାଘରରେ କ'ଣ କ'ଣ ରନ୍ଧା ହେଲା ?**

ଉ. ବାହାଘରରେ ଖିରି ପିଠା ଓ ଭୋଜି ଭାତ ଭରପୁର ରନ୍ଧା ହେଲା ।

## ଅନୁଶୀଳନୀ - ୧୮

**୨୫. ଝିଣ୍ଟିକା କେଉଁଠି ଖେଳୁଥିଲା ?**

ଉ. ଝିଣ୍ଟିକା ଚମ୍ପାଗଛ ମୂଳେ ଖେଳୁଥିଲା ।

**୨୬. ପିମ୍ପୁଡ଼ିକୁ ଦେଖି ସେ କ'ଣ କହିଲା ?**

ଉ. ପିମ୍ପୁଡ଼ିକୁ ଦେଖି ସେ କହିଲା– ଆ, ଆମେ ଏକାଠି ଖେଳିବା, ବଡ଼ ମଜା ହେବ ।

**୨୭. ଝିଣ୍ଟିକା କାହିଁକି ଦୁର୍ବଳ ହୋଇଗଲା ?**

ଉ. ଝଡ଼ି ବର୍ଷା ଲାଗି ଚାରିଦିନ ଖାଦ୍ୟ ନ ଖାଇ ଝିଣ୍ଟିକାର ଶରୀର ଦୁର୍ବଳ ହୋଇଗଲା ।

**୨୮. ଝିଣ୍ଟିକା ଖାଦ୍ୟ ନ ପାଇବାରୁ ତା'ର କାହାକଥା ମନେ ପଡ଼ିଲା ?**

ଉ. ଝିଣ୍ଟିକା ଖାଦ୍ୟ ନ ପାଇବାରୁ ତା'ର ପିମ୍ପୁଡ଼ି କଥା ମନେ ପଡ଼ିଲା ।

**୨୯. ଝିଣ୍ଟିକା ପିମ୍ପୁଡ଼ି ଘରେ ପହଞ୍ଚି କ'ଣ ଦେଖିଲା ?**

ଉ. ଝିଣ୍ଟିକା ପିମ୍ପୁଡ଼ି ଘରେ ପହଞ୍ଚି ଦେଖିଲା, ସବୁ ପିମ୍ପୁଡ଼ି ଖାଇ ପିଇ ଖୁସି ମନରେ ଖେଳୁଛନ୍ତି ।

**୩୦. ଝିଣ୍ଟିକା କି ଶପଥ କଲା ?**

ଉ. ଝିଣ୍ଟିକା ଶପଥ କଲା ସେ ଖରାଦିନେ ଖେଳିବୁଲି ଆଉ ସମୟ କାଟିବ ନାହିଁ । ବର୍ଷା ଦିନ ଲାଗି ଖାଦ୍ୟ ସଞ୍ଚୟ କରିବ ।

## ଅନୁଶୀଳନୀ - ୨୦

**୩୧. ରମ୍ଭା କେଉଁ ଗାଁରେ ରହୁଥିଲା ଓ ତା' ବାପା କି କାମ କରନ୍ତି ?**

ଉ. ରମ୍ଭା ଗମ୍ଭାରିମୁଣ୍ଡା ଗାଁରେ ରହୁଥିଲା ଓ ତା' ବାପା କୁମ୍ଭାର କାମ କରନ୍ତି ।



**୩୨. ଶମ୍ଭୁ ବାପାଙ୍କଠାରୁ କ'ଣ ଶିଖିଲା ?**

ଉ. ଶମ୍ଭୁ ବାପାଙ୍କଠାରୁ ଦମ୍ଭିଲା ହାଣ୍ଡି ମାଠିଆ ଗଢ଼ିବା କାମ ଶିଖିଲା ।

## ଅନୁଶୀଳନୀ - ୨୧

**୩୩. କୁକୁର ପ୍ରଥମରେ କାହାକୁ ଗୋଡ଼ାଉଥିଲା ?**

ଉ. କୁକୁର ପ୍ରଥମରେ ହରିଣକୁ ଗୋଡ଼ାଉଥିଲା ।

**୩୪. ହରିଣକୁ ଛାଡ଼ି ସେ କାହା ପଛରେ ଦୌଡ଼ିଲା ?**

ଉ. ହରିଣକୁ ଛାଡ଼ି ସେ ଠେକୁଆ ପଛରେ ଦୌଡ଼ିଲା ।

**୩୫. ଠେକୁଆକୁ ସେ କାହିଁକି ଛାଡ଼ିଦେଲା ?**

ଉ. ମୂଷାକୁ ଦେଖି ସେ ଠେକୁଆକୁ ଛାଡ଼ିଦେଲା ।

**୩୬. ମୂଷାର ଜୀବନ କିପରି ବଞ୍ଚିଲା ?**

ଉ. ମୂଷା ଦୌଡ଼ିଯାଇ ତା' ଗାତ ଭିତରେ ପଶିଯିବାରୁ ତା'ର ଜୀବନ ବଞ୍ଚିଗଲା ।

**୩୭. ହରିଣ ଠେକୁଆକୁ କ'ଣ କହିଲା ?**

ଉ. ହରିଣ ଠେକୁଆକୁ କହିଲା କୁକୁରଟା ଅତି ଲୋଭ କରିବାରୁ ଶେଷରେ ସେ ନିରାଶ ହେଲା ।

❑❑❑